# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**24 July – 2026**

*************************************

## ମୁଖ୍ୟ ସମ୍ବାଦ

- ବାହୁଡା ଯାତ୍ରାରେ ଆଜି ପୁରୀରେ ସିଂହଦ୍ୱାର ଅଭିମୁଖେ ଚତୁର୍ଦ୍ଧାମୂର୍ତ୍ତି
- ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା ନେଇ ଚିଠା ବିଲ୍‌କୁ କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦନ

— ଦେଶରେ ୩ଟି ରାସାୟନିକ ପାର୍କ ପ୍ରତିଷ୍ଠା ପାଇଁ ଭବ୍ୟ ରସାୟନ ଯୋଜନାକୁ ମଞ୍ଜୁରୀ

- ରାଜ୍ୟରେ ପ୍ରତିଷ୍ଠା ହେବ 'ଗ୍ଲୋବାଲ୍ ଡେଭ୍‌ଲପ୍‌ମେଣ୍ଟ ସେଣ୍ଟର' ଏବଂ 'ଏଆଇ ପାର୍କ'

— ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ନୂତନ ବିପ୍ଲବର ଶୁଭାରମ୍ଭ ହୋଇଛି; କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ରାଜ୍ୟରେ ସାର୍ବଜନୀନ ଇଭି ଚାର୍ଜିଂ ଷ୍ଟେସନର ବିକାଶ ପାଇଁ ପିଏମ୍ ଇ-ଡ୍ରାଇଭ୍‌କୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ

## ବାହୁଡାଯାତ୍ରା

ବାହୁଡାଯାତ୍ରାରେ ଆଜି **ପୁରୀ** ଗୁଣ୍ଡିଚାମନ୍ଦିରରୁ ଚତୁର୍ଦ୍ଧା ବିଗ୍ରହ ସିଂହଦ୍ୱାରକୁ ବାହୁଡୁଛନ୍ତି। ଅପରାହ୍ଣରେ ବାହୁଡା ପହଣ୍ଡି ଶେଷ ହେବା ପରେ ମଦନମୋହନ, ରାମ, କୃଷ୍ଣ ରଥ ଉପରକୁ ବିଜେ କରିଥିଲେ। ଗଜପତି ମହାରାଜା ଦିବ୍ୟସିଂହଦେବ ତିନି ରଥରେ ଛେରାପହଁରା ନୀତି ସଂପନ୍ନ କରିଥିଲେ। ଛେରାପହଁରା ସରିବା ପରେ ରଥରୁ ଚାରମାଳ ଫିଟାଯାଇ ଘୋଡା ଲାଗିଥିଲେ। ଅପରାହ୍ଣ ପ୍ରାୟ ସାଢେ ୪ଟାରେ ପ୍ରଥମେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାଯାଇଥିଲା। ପରେ ପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାଯାଇଛି। ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପନ୍ନ ହେବ। ତାପରେ ରଥକୁ ଟଣାଯାଇ ସିଂହଦ୍ୱାର ନିକଟକୁ ନିଆଯିବ। ତେବେ ଆସନ୍ତାକାଲି ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବାକୁ ଥିବାବେଳେ ତିନି ରଥ ଚାରିପଟେ ବାରିକେଡିଂ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବାହୁଡା-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ସୁବର୍ଣ୍ଣପୁର** ଜିଲ୍ଲାର ପାତାଳିଶ୍ରୀକ୍ଷେତ୍ର ସମେତ ବିଭିନ୍ନ ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତି ଧାଡି ପହଣ୍ଡିରେ ରଥାରୂଢ ହୋଇଥିଲେ। ପରେ ରଥ ଟଣାଯାଇଥିଲା।

**କୋରାପୁଟ**ସ୍ଥିତ ସାବରଶ୍ରୀକ୍ଷେତ୍ରରେ ବାହୁଡାଯାତ୍ରା ସମ୍ପନ୍ନ ହୋଇଛି। ଭୂମିଆଁ, କନ୍ଧ, ଭତ୍ରା, ପରଜା, ସଉରା ପ୍ରମୁଖ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ପାରମ୍ପରିକ ବେଶଭୂଷାରେ ମହାପ୍ରଭୁଙ୍କ ଆରାଧନା କରିଥିଲେ।

**ନୟାଗଡ଼** ଜିଲ୍ଲାର ବିଭିନ୍ନ ସ୍ଥାନରେ ଶ୍ରୀଜୀଉମାନଙ୍କୁ ତିନିଟି ରଥରେ ବିଜେ କରାଯାଇ ରଥଟଣା କାର୍ଯ୍ୟ ହୋଇଥିଲା।

**ନୂଆପଡା** ଜିଲ୍ଲା ଖଡିଆଳଠାରେ ଗୁଣ୍ଡିଚାଯାତ୍ରା ସମ୍ପନ୍ନ ହୋଇଛି।

## ପିଏମ୍-ଫାଷ୍ଟଟ୍ରାକ୍ କୋର୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ପ୍ରଶ୍ନପତ୍ର ପ୍ରଘଟ ମାମଲା ତଥା ପରୀକ୍ଷା ସମୟରେ ଅନିୟମିତତା ରୋକିବା ପାଇଁ କଠୋର ଦଣ୍ଡବିଧାନ ଲାଗି ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା ନେଇ ଚିଠା ବିଲ୍‌କୁ ଅନୁମୋଦନ ମିଳିଛି। ଆସନ୍ତା ସପ୍ତାହରେ ଏହି ବିଲ୍‌କୁ ସଂସଦରେ ଆଗତ କରାଯିବ। ଗତକାଲି ପ୍ରଧାନମନ୍ତ୍ରୀ ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗରେ କଠୋର ଆଇନ୍ ଆସିବା ନେଇ ଭିଡିଓ ବାର୍ତ୍ତାରେ ସୂଚନା ଦେଇଥିଲେ।

କ୍ୟାବିନେଟ୍‌ର ଅନ୍ୟ ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶରେ ତିନୋଟି ରସାୟନିକ ପାର୍କ ପ୍ରତିଷ୍ଠା ପାଇଁ ଭାରତ 'ଔଦ୍ୟୋଗିକ ବିକାଶ ଯୋଜନା ରସାୟନ-ଭବ୍ୟ ରସାୟନ ଯୋଜନା'କୁ ଅନୁମୋଦନ ମିଳିଛି। ଏହି ଯୋଜନା ପାଇଁ ମୋଟ୍ ୩ ହଜାର

୩୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ଯୋଜନା ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି....

**- V/O –**

## ଅଶ୍ୱିନୀ ବୈଷ୍ଣବ

ଭାରତୀୟ ରେଳରେ ଯାତ୍ରୀଙ୍କୁ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ରାଜ୍ୟସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି, ସରକାରଙ୍କ ପକ୍ଷରୁ ରେଳର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିବାରୁ ରେଳ ଦୁର୍ଘଟଣା ହ୍ରାସ ପାଇଛି । ୨୦୧୪-୧୫ ବର୍ଷରେ ୧୩୫ଟି ରେଳ ଦୁର୍ଘଟଣା ହୋଇଥିବାବେଳେ ଚଳିତ ଆର୍ଥିକବର୍ଷରେ କେବଳ ୨ଟି ରେଳ ଦୁର୍ଘଟଣା ଘଟିଥିଲା । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ରେଳ ସୁରକ୍ଷା ସମ୍ବନ୍ଧିତ ଖର୍ଚ୍ଚକୁ ମଧ୍ୟ ବୃଦ୍ଧି କରାଯାଇଛି । ୨୦୨୬-୨୭ ଆର୍ଥିକବର୍ଷରେ ଏଥିପାଇଁ ୧ ଲକ୍ଷ ୨୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପୋକ୍ସୋ କୋର୍ଟ

ଦେଶରେ ଗତ ଏପ୍ରିଲ ମାସ ସୁଦ୍ଧା ୩୯୮ଟି ପୋକ୍ସୋ କୋର୍ଟ ସମେତ ୭୭୫ଟି ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ କାର୍ଯ୍ୟକ୍ଷମ ହେଉଛି ବୋଲି କେନ୍ଦ୍ର ଆଇନ୍ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଛନ୍ତି ।

ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମେଘୱାଲ କହିଛନ୍ତି, ଏହି ଅଦାଲତଗୁଡ଼ିକ ଅଧୀନରେ ୨୦୨୫ ମସିହାରେ ୧ ଲକ୍ଷ ୪୩ ହଜାର ୯୩୬ଟି ମାମଲା ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୬୬ ହଜାର ୫୦୦ଟି ମାମଲାର ସମାଧାନ ହୋଇଛି। ଓଡ଼ିଶାରେ ବର୍ତ୍ତମାନ ମୋଟ୍ ୪୪ଟି ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ କାର୍ଯ୍ୟକ୍ଷମ ହେଉଛି। ଏଥିରେ ୨୩ଟି ପୋକ୍ସୋ କୋର୍ଟ ରହିଥିବା ଜଣାପଡିଛି।

## ଲୋକସଭା ମୁଲତବୀ

ପ୍ରଶ୍ନପତ୍ର ପ୍ରଘଟ ସହିତ ବିଭିନ୍ନ ପ୍ରସଙ୍ଗକୁ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜି ସଂସଦର ଉଭୟ ସଦନକୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

ଲୋକସଭାରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଦନକୁ ବାରମ୍ବାର ମୁଲତବୀ ଘୋଷଣା କରାଯାଇଥିଲା। ରାଜ୍ୟ ସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା।

## ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଶିଳ୍ପ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ନୂତନ ବିପ୍ଳବର ଶୁଭାରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆଜି ଏଚସିଏଲ୍ ଟେକ୍ ଏବଂ ସ୍ୱଦେଶୀ ‘ସର୍ଭମ୍’ ଏଆଇ ସହିତ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ପ୍ରଯୁକ୍ତିବିଦ୍ୟା ଆଧାରିତ ଆର୍ଥିକ ଅଭିବୃଦ୍ଧି ସୁଦୃଢ ହେବ। ଏଚ୍‌ସିଏଲ୍ ଟେକ୍ କମ୍ପାନୀ ରାଜ୍ୟରେ ୭୩୦ କୋଟି ଟଙ୍କା ପୁଞ୍ଜିନିବେଶ କରିବ। ଏହାଦ୍ୱାରା ୬ ହଜାରରୁ ଅଧିକ କୁଶଳୀ ଯୁବକ-ଯୁବତୀଙ୍କୁ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି....

**- V/O -**

ସୂଚନା ଅନୁସାରେ, ଏଚସିଏଲ୍ ଟେକ୍ ରାଜ୍ୟରେ ଏକ ଡେଭଲେପମେଣ୍ଟ ସେଣ୍ଟର ପ୍ରତିଷ୍ଠା କରିବ। ଏହାଦ୍ୱାରା ଆଇଟି ଇକୋସିଷ୍ଟମ୍ ସୁଦୃଢ ହେବ। ସେହିଭଳି ସର୍ଭମ ଏଆଇ ରାଜ୍ୟରେ ଏଆଇ ଅପ୍‌ଟିମାଇଜ୍ ଡାଟା ସେଣ୍ଟର ପ୍ରତିଷ୍ଠା କରିବ। ଏହି ଦୁଇଟି ପ୍ରକଳ୍ପ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୧୫ ହଜାର କୋଟି ଟଙ୍କା ବିନିଯୋଗ କରାଯିବ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୩୬ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO

ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଇଭି ଚାର୍ଜିଂ ଷ୍ଟେସନ

ରାଜ୍ୟରେ ବୈଦୁତିକ ଯାନ-ଇଭି'ର ଗତିଶୀଳତାକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଭାରି ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସାର୍ବଜନୀନ ଇଭି ଚାର୍ଜିଂ ଷ୍ଟେସନ୍‌ର ବିକାଶ ପାଇଁ ପିଏମ୍-ଇଡ୍ରାଇଭ୍ ଯୋଜନାରେ ୪୦ କୋଟି ୫୦ ଲକ୍ଷ ୭୫ ହଜାର ୭୪୦ ଟଙ୍କା ଅନୁଦାନ ରାଶିକୁ ମଞ୍ଜୁରୀ ମିଳିଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ପୂର୍ବୋଦୟର ପ୍ରବେଶପଥ ଓଡ଼ିଶାକୁ କେନ୍ଦ୍ର ସରକାରଙ୍କ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପରିବେଶ ସୁରକ୍ଷା ଓ ଇନ୍ଧନ ସଂଚୟ ପାଇଁ ସମଗ୍ର ଦେଶରେ ଇଭି ବ୍ୟବହାର ବୃଦ୍ଧି ପାଇଛି। ଗତ ଜୁନ୍ ମାସରେ ଓଡ଼ିଶାରେ ସର୍ବାଧିକ ପ୍ରତିଶତ ଇଭି ବିକ୍ରି ହୋଇଥିବା ଶ୍ରୀ ଜେନା କହିଛନ୍ତି।

## ସଚେତନତା କାର୍ଯ୍ୟକ୍ରମ

**ଢେଙ୍କାନାଳ** ଜିଲ୍ଲାରେ ବାଲ୍ୟବିବାହକୁ ରୋକିବା ପାଇଁ ଜିଲ୍ଲା କାର୍ଯ୍ୟ ଯୋଜନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର

ସେଠୀ ଅଧ୍ୟକ୍ଷତା କରି ବାଲ୍ୟବିବାହ ଓ ଶିଶୁ ଚାଲାଣର ପ୍ରତିରୋଧ, ଚିହ୍ନଟ, ପୁନର୍ବାସ ଏବଂ ଆଇନ୍‌ଗତ ପଦକ୍ଷେପ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

# ଆୟକର ଦିବସ

ଦେଶର ଅର୍ଥନୀତି ଓ ବିକାଶ ପ୍ରକ୍ରିୟାରେ ଆୟକରର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଆୟକର ଦିବସ ପାଳନ କରାଯାଉଛି । ୨୦୧୦ ମସିହାରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ ଦ୍ୱାରା ଏହି ଦିବସକୁ ଆନୁଷ୍ଠାନିକଭାବେ ପାଳନ କରାଯାଉଛି ।

ଆୟକର ରାଷ୍ଟ୍ର ନିର୍ମାଣର ଏକ ସଶକ୍ତ ଭିତ୍ତିଭୂମି। ପ୍ରତ୍ୟେକ ନିଷ୍ଠାପର କରଦାତାଙ୍କ ଅବଦାନ ଦେଶର ବିକାଶ, ଜନକଲ୍ୟାଣ, ଭିତ୍ତିଭୂମି ଏବଂ ଆତ୍ମନିର୍ଭର ଭାରତ ସଂକଳ୍ପକୁ ନୂତନ ଗତି ପ୍ରଦାନ କରିଥାଏ। ନାଗରିକଙ୍କଠାରୁ ଆଦାୟ ହେଉଥିବା କରରାଶି ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା, କୃଷି, ରେଳପଥ, ସଡକ, ପାନୀୟ, ଡିଜିଟାଲ ଭିତ୍ତିଭୂମି ଓ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ବ୍ୟୟ କରାଯାଇଥାଏ। ଜଣେ କରଦାତାଙ୍କ ଅବଦାନ ସିଧାସଳଖ ଭାବେ ଦେଶର ପ୍ରଗତି ସହ ଜଡିତ। ସମୟ ସହିତ ଦେଶର ଆୟକର ବ୍ୟବସ୍ଥା ମଧ୍ୟ ଅଧିକ ସ୍ୱଚ୍ଛ, ସରଳ ଓ ଡିଜିଟାଲ ହୋଇପାରିଛି।

ଇ-ଫାଇଲିଂ, ଅନ୍‌ଲାଇନ୍ ରିଫଣ୍ଡ୍, ପ୍ୟାନ୍ ଆଧାର ସଂଯୋଗ ଭଳି ବ୍ୟବସ୍ଥା କରଦାତାଙ୍କ ପାଇଁ ପ୍ରକ୍ରିୟାକୁ ଆହୁରି ସହଜ କରିଛି । ଆଜିର ଦିନରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ, କର୍ମଶାଳାର ଆୟୋଜନ କରାଯାଉଛି । ଆସନ୍ତୁ ଆଜିର ଦିନରେ ଏକ ଦାୟିତ୍ୱବାନ୍ ନାଗରିକ ଭାବେ କର ଅନୁପାଳନ କରି ପ୍ରତିବଦ୍ଧତାକୁ ଆହୁରି ସଶକ୍ତ କରିବା ।

# ପାଣିପାଗ

ଉତ୍ତରପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ଆଂଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହା ସହିତ ୨୪ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ୬୧୪ ଦଶମିକ ୨ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡ୍‌ରେ ୨ ଲକ୍ଷ ୧୪ ହଜାର ୮୩୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୨ଟି ଗେଟ୍ ଦେଇ ୨ ଲକ୍ଷ ୪୬ ହଜାର ୯୩୧ ଘନଫୁଟ ଜଳ ନିଷ୍କାସିତ ହେଉଛି ।